# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 30 May - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ସନ୍ଧ୍ୟାରେ ଶେଷ ହେଉଛି ପ୍ରଚାର

— ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଶେଷ ପର୍ଯ୍ୟାୟରେ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ଷ୍ଟାର ପ୍ରଚାରକଙ୍କ ଜୋର୍‌ଦାର୍ ପ୍ରୟାସ

- ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ହେଲେ ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ

- ପୁରୀ ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି

— ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀଙ୍କ ଗଭୀର ଶୋକ ପ୍ରକାଶ

ଏବଂ

- କେରଳ ଉପକୂଳ ସ୍ପର୍ଶ କଲା ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ

# ସେଭେନ୍ ଫେଜ୍-ଓଡ଼ିଶା କ୍ୟାମ୍ପେନିଂ

ଦେଶରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଲାଗି ଆଜି ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହେବ । ଏହି ପର୍ଯ୍ୟାୟରେ ୭ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ମୋଟ୍ ୫୭ଟି ସଂସଦୀୟ କ୍ଷେତ୍ର ଲାଗି ଆସନ୍ତା ଶନିବାର ଦିନ ଭୋଟ୍ ଗ୍ରହଣ କରାଯିବ। ଏହି ପର୍ଯ୍ୟାୟରେ ୯୦୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି।

ସେହିଦିନ ଓଡ଼ିଶାରେ ହେବାକୁ ଥିବା ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ୬ଟି ସଂସଦୀୟ କ୍ଷେତ୍ର ଏବଂ ଏହାର ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ଲାଗି ଏକ ସଙ୍ଗେ ମତଗ୍ରହଣ କରାଯିବ । ଏହି ସଂସଦୀୟ କ୍ଷେତ୍ର ଗୁଡ଼ିକ ହେଉଛି ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ଜଗତସିଂହପୁର ।  ଏହି ସଂସଦୀୟ କ୍ଷେତ୍ରଗୁଡ଼ିକ ପାଇଁ ୬୬ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅଛନ୍ତି।

ନିର୍ବାଚନର ଶେଷ ପର୍ଯ୍ୟାୟରେ ବିଭିନ୍ନ ରାଜୈନତିକ ଦଳର ବରିଷ୍ଠ ନେତୃବୃନ୍ଦ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଜନସମାବେଶ ଓ ରୋଡ ଶୋ’ ମାଧ୍ୟମରେ ଭୋଟରଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ ଶେଷ ପ୍ରୟାସ ଜାରି ରଖିଛନ୍ତି ।  ବିଜେପି ନେତା ତଥା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ଆଜି ମୟୂରଭଞ୍ଜ ଜିଲ୍ଲା ଯଶୀପୁରଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି।

କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧି ଆଜି ଓଡ଼ିଶା ଗସ୍ତରେ ଆସି ବାଲେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀର ସିମୁଳିଆଠାରେ ଏକ ଜନସମାବେଶରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ଏହି ଅନ୍ତିମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପି ନେତା ପ୍ରତାପ ଷଡ଼ଙ୍ଗୀ, ବିଜେପିର ଜାତୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଏବଂ କଂଗ୍ରେସର ଶ୍ରୀକାନ୍ତ କୁମାର ଜେନା ଅଛନ୍ତି । ସେହିଭଳି ଏହି ପର୍ଯ୍ୟାୟ ଲୋକସଭା ନିର୍ବାଚନ ସହିତ ରାଜ୍ୟ ବିଧାନସଭା ଲାଗି ହେଉଥିବା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ବିଜେଡ଼ିର ବରିଷ୍ଠ ନେତା ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଅଶ୍ୱିନୀ ପାତ୍ର, ତୁଷାରକାନ୍ତୀ ବେହେରା, ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରମୁଖ ରହିଛନ୍ତି । ଆସନ୍ତା ମାସ ୪ ତାରିଖ ଦିନ ସମସ୍ତ ପର୍ଯ୍ୟାୟ ନିର୍ବାଚନର ଭୋଟ ଗଣତି କରାଯିବ ।

## ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଦୃଷ୍ଟିରୁ କଟକ ସହର ଉପକଣ୍ଠ ଅଂଚଳରେ ଖଣିଜ ପଦାର୍ଥ ପରିବହନ କାର୍ଯ୍ୟ ବନ୍ଦ ରହିବ। ଜୁନ୍ ୧ରେ ହେବାକୁ ଥିବା

ଭୋଟ୍‌ଗ୍ରହଣ ଲାଗି ନିର୍ବାଚନ ସାମଗ୍ରୀ ପରିବହନ ସୁରୁଖୁରୁରେ କରିବା ନେଇ ଆଜି ସନ୍ଧ୍ୟା ୬ଟାରୁ ଜୁନ୍ ୨ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ଏହି ନିଷେଧାଦେଶ ବଳବତ୍ତର ରହିବ। ବିଶେଷକରି କଟକ ଜିଲ୍ଲାର ସାଲେପୁର, ନିଆଳି ଓ ମାହାଙ୍ଗା ବିଧାନସଭା ନିର୍ବାଚନମଣ୍ଡଳୀ ଗ୍ରାମାଞ୍ଚଳରେ ଥିବାରୁ ସେହିସବୁ ଅଂଚଳ ସହ ସଂଯୋଗ କରୁଥିବା ରାସ୍ତାରେ ଏହି ନିଷେଧାଦେଶ ଜାରି କରାଯାଇଛି।

## ଶ୍ରୀକ୍ଷେତ୍ର ଭଉଁରୀ ଉତ୍ସବ-ଦୁର୍ଘଟଣା

ପୁରୀ ଶ୍ରୀକ୍ଷେତ୍ରରେ ଭଉଁରୀ ଯାତ୍ରାରେ ଘଟିଥିବା ବାଣ ବିସ୍ଫୋରଣରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ଆହତ ହୋଇଥିବା ଅନ୍ୟ ୨୭ ଜଣ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ଅଗ୍ନିଶମ ବିଭାଗ ପକ୍ଷରୁ ନରେନ୍ଦ୍ର ପୁଷ୍କରିଣୀରେ ତଲାସୀ ଅଭିଯାନ ଜାରି ରହିଛି। ବାଣ ବିସ୍ଫୋରଣ ସମୟରେ ପୁଷ୍କରିଣୀ ମଧ୍ୟକୁ କେତେଜଣ ଡେଇଁ ପଡିଥିବାରୁ, କାଳେ କେହି ରହିଯାଇଥିବା ସନ୍ଦେହ ଥିବାରୁ ଏହି ତଲାସୀ ଅଭିଯାନ ଚାଲିଛି। ଏହି ଘଟଣାରେ ପୁଲିସ୍ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବାଣ ଫୁଟାଇବା ପାଇଁ ଅନୁମତି ଓ ଏଥିରେ ସମ୍ପୃକ୍ତି ନେଇ ତଦନ୍ତ ଆରମ୍ଭ ହୋଇଥିବା ପୁରୀ ଆରକ୍ଷୀ ଅଧିକ୍ଷକ ପିନାକୀ ମିଶ୍ର କହିଛନ୍ତି। ତଦନ୍ତ ପରେ ଆଇନ୍ ଅନୁଯାୟୀ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲ୍‌ରେ ଚିକିତ୍ସିତ ହେଉଥିବା ଆହତମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି ।

ସୂଚନାଯୋଗ୍ୟ, ଗତକାଲି ରାତିରେ ପୁରୀ ଶ୍ରୀକ୍ଷେତ୍ରରେ ଭଉଁରୀ ଯାତ୍ରାରେ ବାଣ ଫୁଟି ୩୦ରୁ ଅଧିକ ଲୋକ ଆହତ ହୋଇଥିଲେ ।

ନରେନ୍ଦ୍ର ପୁଷ୍କରିଣୀରେ ଚାପଖେଳ ସମୟରେ  ପୁଷ୍କରିଣୀ ଚାରିପଟେ ଲୋକମାନେ ଚାପଖେଳ ଦେଖୁଥିବାବେଳେ ଦେବୀଘାଟ ପଟେ ଗୋଟିଏ ସ୍ଥାନରେ ବହୁସଂଖ୍ୟାରେ ବାଣ ଫୁଟିଥିଲା । ଚାପ ଦେଖୁଥିବା ଭକ୍ତମାନଙ୍କ ଉପରେ ନିଆଁଝୁଲ ପଡିବାରୁ କେତେଜଣ ଜୀବନ ବଞ୍ଚାଇବାକୁ ନରେନ୍ଦ୍ର ପୁଷ୍କରିଣୀ ମଧ୍ୟକୁ ଡେଇଁ ପଡିଥିଲେ । ଆହତମାନଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଆହତମାନଙ୍କୁ କଟକ ଏସ୍‌ସିବି ସମେତ ଭୁବନେଶ୍ୱରର ଦୁଇଟି ଘରୋଇ ହସ୍‌ପିଟାଲ୍‌କୁ ପଠାଯାଇଥିଲା ।  ସୂଚନା ଅନୁଯାୟୀ, କଟକ ବଡ଼ ଡାକ୍ତରଖାନାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, କଟକ ଜିଲ୍ଲାପାଳ ଅରିନ୍ଦମ୍ ଡାକୁଆ ଓ ଭୁବନେଶ୍ୱରରେ ସ୍ୱାସ୍ଥ୍ୟ ସଚିବ ପ୍ରମୁଖ ଆହତମାନଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ କରିଥିବା ଜଣାପଡିଛି ।

## ଶୋକବାର୍ତ୍ତା-ବାଣ ବିସ୍ଫୋରଣ

ପୁରୀ ବାଣ ବିସ୍ଫୋରଣ ଘଟଣାରେ **ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ଟୁଇଟ୍ ବାର୍ତ୍ତାରେ ରାଷ୍ଟ୍ରପତି ମୃତକଙ୍କ ଶୋକ

ସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

**ମୁଖ୍ୟମନ୍ତ୍ରୀ** ନବୀନ ପଟ୍ଟନାୟକ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି। ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆହତମାନଙ୍କ ଚିକିତ୍ସା ଖର୍ଚ୍ଚ ବହନ କରାଯିବ ବୋଲି କହିଛନ୍ତି।

**କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି। ଏକ ଟୁଇଟ୍ ବାର୍ତ୍ତାରେ ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ମୃତ ବ୍ୟକ୍ତିଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

ସେହିପରି ପୁରୀ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରି ମୃତ ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କୁ ସମବେଦନା ଜଣାଇଛନ୍ତି।

## କୁଳପତି

ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକଙ୍କୁ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତ କରାଯାଇଛି। ରାଜ୍ୟପାଳ ତଥା କୁଳାଧିପତି ରଘୁବର ଦାସ ତାଙ୍କୁ ଏହି ନିଯୁକ୍ତି ଦେଇଥିବା ରାଜଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ନାମଲେଖା ଆବେଦନ ପ୍ରକ୍ରିୟା

ରାଜ୍ୟରେ ଥିବା ଏକହଜାର ଅଣଚାଳିଶଟି ମହାବିଦ୍ୟାଳୟରେ ଯୁକ୍ତ ୩ ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ଆସନ୍ତା ଜୁନ୍ ମାସ ୩ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ । ଏନେଇ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି । ଏହି ପ୍ରକ୍ରିୟାରେ ଛାତ୍ରଛାତ୍ରୀମାନେ କଳା, ବିଜ୍ଞାନ, ବାଣିଜ୍ୟ, ସଂସ୍କୃତ, ଆଇନ୍, ଇଣ୍ଟିଗ୍ରେଟେଡ ଏମ୍‌ବିଏ ଓ ଏମ୍‌ସିଏ ପାଠ୍ୟକ୍ରମ ପାଇଁ ଆବେଦନ କରିପାରିବେ । ୪ଟି ପର୍ଯ୍ୟାୟରେ ହେବାକୁ ଥିବା ଆଡମିଶନ ପାଇଁ ଆବେଦନର ଶେଷ ତାରିଖ ଜୁନ୍ ୧୭ ତାରିଖ ରହିଛି । ପ୍ରଥମପର୍ଯ୍ୟାୟ ନାମଲେଖା ତାଲିକା ଜୁନ୍ ୨୫ରେ ପ୍ରକାଶ ପାଇବାକୁ ଥିବାବେଳେ ଦ୍ୱିତୀୟ ନାମଲେଖା ତାଲିକା ଜୁଲାଇ ୫ରେ ପ୍ରକାଶ ପାଇବ ।

## ଆଇ.ଆର.ଡି.ଏ.-ସ୍ୱାସ୍ଥ୍ୟବୀମା

ଭାରତୀୟ ବୀମା ନିୟାମକ ବିକାଶ ପ୍ରାଧିକରଣ-ଆଇ.ଆର.ଡି.ଏ. ସ୍ୱାସ୍ଥ୍ୟବୀମା ଦାବି ସମାଧାନ ନିୟମରେ ପରିବର୍ତ୍ତନ କରିଛନ୍ତି। ପୂର୍ବରୁ ସ୍ୱାସ୍ଥ୍ୟବୀମା ଜରିଆରେ ରୋଗୀଙ୍କୁ ଡାକ୍ତରଖାନାରେ ଅନେକ ସମୟ ଧରି ଅପେକ୍ଷା କରିବାକୁ ପଡୁଥିବାବେଳେ ଏଣିକି ମାତ୍ର ୩ ଘଣ୍ଟା ମଧ୍ୟରେ ସ୍ୱାସ୍ଥ୍ୟବୀମା ଦାବିର ସମାଧାନ ହେବ। ଏ ନେଇ ଆଇ.ଆର.ଡି.ଏ. ୫୫ଟି ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରି ଏକ ନୂତନ ମାର୍ଗଦର୍ଶିକା ଜାରି କରିଛନ୍ତି। ଫଳରେ ଏଣିକି ଡାକ୍ତରଖାନାରୁ ଡିସ୍‌ଚାର୍ଜ ଅନୁରୋଧ କରିବାର ୨ ଘଣ୍ଟା ମଧ୍ୟରେ ସ୍ୱାସ୍ଥ୍ୟବୀମା କମ୍ପାନୀଗୁଡ଼ିକ ଦାବି ସମାଧାନ କରିବାକୁ ବାଧ୍ୟ ହେବେ।

ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ସମାଧାନ ନ ହୁଏ, ସେ କ୍ଷେତ୍ରରେ ସ୍ୱାସ୍ଥ୍ୟବୀମା କମ୍ପାନୀଗୁଡ଼ିକୁ ଅତିରିକ୍ତ ଅର୍ଥରାଶି ଦେବାକୁ ପଡିବ।

## ମତଗଣନା

ଜୁନ୍ ୪ରେ ହେବାକୁ ଥିବା ମତଗଣନା କାର୍ଯ୍ୟ ପାଇଁ ନବରଙ୍ଗପୁର ଜିଲ୍ଲାରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏ ନେଇ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଡକ୍ଟର କମଳ ଲୋଚନ ମିଶ୍ର ସୂଚନା ଦେଇଛନ୍ତି। ନବରଙ୍ଗପୁର ଜିଲ୍ଲାର ୪ଟି ବିଧାନସଭା ନିର୍ବାଚନମଣ୍ଡଳୀ ସମେତ ଗୋଟିଏ ଲୋକସଭା ଆସନ ପାଇଁ ଭୋଟ ଗଣନା କାର୍ଯ୍ୟ କରାଯିବ। ଇଭିଏମ୍ ଭୋଟ ଗଣତି ପାଇଁ ୮୮ଟି ଟେବୁଲ୍ ଓ ପୋଷ୍ଟାଲ ଭୋଟ୍ ଗଣତି ପାଇଁ ୧୫ଟି ଟେବୁଲ୍ କରାଯାଇଛି। ସକାଳ ୮ଟାରୁ ପୋଷ୍ଟାଲ୍ ଭୋଟ୍ ଓ ୮ଟା ୩୦ ମିନିଟ୍‌ରୁ ଇଭିଏମ୍ ଭୋଟ୍ ଗଣନା କରାଯିବ। ଏହି କାର୍ଯ୍ୟରେ ୫୩୬ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯିବ ବୋଲି ଜଣାପଡିଛି।

## ବାୟୁ ଓ ଶବ୍ଦ ପ୍ରଦୂଷଣ-ଖଣି ଖନନ

ଜନବସତି ଅଂଚଳରେ ଖଣି ଖନନ ଯୋଗୁଁ ହେଉଥିବା ବାୟୁ ଓ ଶବ୍ଦ ପ୍ରଦୂଷଣ ସମ୍ପର୍କିତ ଅଭିଯୋଗର ତଦନ୍ତ ଲାଗି ଜାତୀୟ ସବୁଜ ପ୍ରାଧିକରଣ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ଲାଗି କମିଟି ଗଠନ କରି ଆସନ୍ତା ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ପ୍ରାଧିକରଣ ନିର୍ଦ୍ଦେଶ ଜାରି କରିଛନ୍ତି। ଖୋର୍ଦ୍ଧା ଜିଲ୍ଲା ନାରଣଗଡ଼ ମୌଜା ଓ ଏହାର ଆଖପାଖ ସ୍ଥାନର ପ୍ରାୟ ୧୧ ଏକର ପରିମିତ ଜମିରେ ପଥର ଖନନ ପାଇଁ ବିସ୍ଫୋରକ ସାମଗ୍ରୀ ଓ ଅନ୍ୟାନ୍ୟ ଯନ୍ତ୍ରାଂଶ

ବ୍ୟବହାର ଫଳରେ ଶବ୍ଦ ଓ ବାୟୁ ପ୍ରଦୂଷଣ ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଜନବସତିଠାରୁ ସର୍ବନିମ୍ନ ୫୦୦ ମିଟର ଦୂରରେ ଖଣି ଖନନ ହେବାର ନିୟମ ଥିଲେ ମଧ୍ୟ ସମ୍ପୃକ୍ତ ସ୍ଥାନରେ ଜନବସତିଠାରୁ ମାତ୍ର ୨୦୦ ମିଟର ପରିଧି ମଧ୍ୟରେ ଖଣି ଖନନ ହେଉଥିବା ଆବେଦନକାରୀ ନୀଳମଣି ମହାପାତ୍ର ଜାତୀୟ ସବୁଜ ପ୍ରାଧିକରଣ ନିକଟରେ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ ପାଇଁ ଖୋର୍ଦ୍ଧା ଜିଲ୍ଲାପାଳ, କେନ୍ଦ୍ର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ ଏବଂ ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷର ବରିଷ୍ଠ ବୈଜ୍ଞାନିକଙ୍କୁ ନେଇ କମିଟି ଗଠନ କରିବା ଲାଗି ପ୍ରାଧିକରଣ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୮ ତାରିଖରେ ହେବ।

## କଳାହାଣ୍ଡି କପ୍

ଆନ୍ତଃଜିଲ୍ଲା କ୍ରିକେଟ୍ କଳାହାଣ୍ଡି କପ୍‌ର ସୁପର ଲିଗ୍ ପର୍ଯ୍ୟାୟ ଆସନ୍ତା ଜୁନ୍ ୫ ତାରିଖରୁ ଆରମ୍ଭ ହେବ । ଓଡ଼ିଶା କ୍ରିକେଟ୍ ଆସୋସିଏସନ ଦ୍ୱାରା ଆୟୋଜିତ ଏହି ପର୍ଯ୍ୟାୟ ପାଇଁ ଲିଗ୍ ପର୍ଯ୍ୟାୟରୁ ୬ଟି ଦଳ ଉନ୍ନୀତ ହୋଇଛନ୍ତି । ଅବଶିଷ୍ଟ ଦଳର ଖେଳାଳିଙ୍କୁ ନେଇ ଓସିଏ ୪ଟି ଦଳ ଗଠନ କରିଛି । ସୁପରଲିଗ୍ ପର୍ଯ୍ୟାୟରେ ମୋଟ୍ ୧୦ଟି ଦଳ ଭାଗନେବେ ।

ସୁପରଲିଗ୍ ପର୍ଯ୍ୟାୟରେ କଟକର ୪ଟି ଖେଳପଡିଆରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ମୋଟ୍ ୨୦ଟି ସୁପରଲିଗ୍ ମ୍ୟାଚ୍ ଖେଳାଯିବା ପରେ ଗ୍ରୁପ୍-ଏ’ ଓ

ଗ୍ରୁପ୍-ବି'ର ଶ୍ରେଷ୍ଠ ଦଳ ମଧ୍ୟରେ କଟକ ବାରବାଟୀ ଷ୍ଟାଡିୟମ୍‌ରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଆଜି କେରଳ ସ୍ପର୍ଶ କରିଛି। ଏଥିପାଇଁ ସ୍ଥିତି ଅନୁକୂଳ ରହିଥିବା ଭାରତୀୟ ପାଣିପାଗ ବିଭାଗ  ପକ୍ଷରୁ ସୂଚନା ମିଳିଛି। ଚଳିତ ବର୍ଷ ମୌସୁମୀ ଋତୁରେ ସ୍ୱାଭାବିକଠାରୁ ଅଧିକ ପରିମାଣର ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ମୌସୁମୀବାୟୁ ଲାକ୍ଷାଦ୍ୱୀପର କେତେକ ଅଞ୍ଚଳ ସମେତ ଦକ୍ଷିଣ ଆରବ ସାଗରର ଅନ୍ୟ ଅଞ୍ଚଳଗୁଡ଼ିକୁ ଅଗ୍ରସର ହେବା ଲାଗି ଅନୁକୂଳ ପରିସ୍ଥିତି ଥିବା ପୂର୍ବରୁ ପାଣିପାଗ ବିଭାଗ ଘୋଷଣା କରିଥିଲା। ଏହା କ୍ରମେ ଦକ୍ଷିଣ-ପଶ୍ଚିମ ଏବଂ କେନ୍ଦ୍ରୀୟ ବଙ୍ଗୋପସାଗର,  ଉତ୍ତର-ପୂର୍ବ ବଙ୍ଗୋପସାଗର ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର କେତେକ ଅଂଚଳକୁ ଅଗ୍ରସର ହେବ ବୋଲି ଜଣାପଡିଛି।

*******************************